ନିମ୍ନ ପ୍ରଶ୍ନଗୁଡ଼ିକର ଚାରୋଟି ସମ୍ଭାବ୍ୟ ଉତ୍ତର (A, B, C ଓ D) ପ୍ରଦାନ କରାଯାଇଛି, ସେଥିମଧ୍ୟରୁ କେବଳ ଗୋଟିଏ ଉତ୍ତର ଠିକ୍ ସଠିକ୍ ଉତ୍ତରଟି ବାଛି ଲେଖ ।

1. ତୁମେ କାହାକୁ ଖୋଜୁଛ ? ରେଖାଙ୍କିତ ପଦଟି କେଉଁ ପ୍ରକାର ସର୍ବନାମ ?
(A) ନିର୍ଣ୍ଣାୟକ (B) ପ୍ରଶ୍ନବାଚକ
(C) ପୁରୁଷବାଚକ (D) କୌଣସିଟି ନୁହେଁ

2. ଯାହାର ମନ ଯେତେ, ତା'ର ପ୍ରଭୁ ତେତେ । ରେଖାଙ୍କିତ ପଦଦ୍ୱୟ କେଉଁ ପ୍ରକାର ସର୍ବନାମ
(A) ସମ୍ବନ୍ଧବାଚକ (B) ପୁରୁଷବାଚକ
(C) ନିର୍ଣ୍ଣାୟକ (D) ନିର୍ଦ୍ଦେଶାତ୍ମକ

3. ଏଇ କି ସେ ଆର୍ଯ୍ୟଭୂମି – ଏଠାରେ 'ଏଇ' କେଉଁ ପ୍ରକାର ସର୍ବନାମ ।
(A) ପୁରୁଷବାଚକ (B) ନିର୍ଦ୍ଦେଶାତ୍ମକ
(C) ଆପେକ୍ଷିକ (D) ନିର୍ଣ୍ଣାୟକ

4. 'ବାଜି' ଶବ୍ଦର ଅର୍ଥ ______ ।
(A) ହସ୍ତୀ (B) ଘୋଡ଼ା
(C) ବାଘ (D) ସିଂହ

5. 'ତ୍ରିଦଶ' ଶବ୍ଦର ଗୋଟିଏ ପ୍ରତିଶବ୍ଦ ______ ।
(A) ଅସୁର (B) ତିରିଶ କୋଟି
(C) ଦେବତା (D) ରାକ୍ଷସ

6. ଶ୍ରୀଦେବୀ ଦଶମ ଶ୍ରେଣୀରେ ପଢ଼େ । ଏଠାରେ 'ଦଶମ' କେଉଁ ପ୍ରକାର ବିଶେଷଣ ।
(A) ବିଶେଷ୍ୟର ବିଶେଷଣ (B) ବିଧେୟ ବିଶେଷଣ
(C) ସର୍ବନାମ ବିଶେଷଣ (D) ପୂରଣବାଚକ ବିଶେଷଣ

7. 120 କୋଟି ଲୋକ ଭାରତରେ ଅଛନ୍ତି । ଏଠାରେ '120 କୋଟି' କେଉଁ ପ୍ରକାର ବିଶେଷଣ ପଦ ?
(A) ପୂରଣବାଚକ (B) ସର୍ବନାମ
(C) ସଂଖ୍ୟାବାଚକ (D) କୌଣସିଟି ନୁହେଁ

8. ବୋହୁଟି ଧୀରେ ଧୀରେ ଯାଉଛି । ଏଠାରେ 'ଧୀରେ ଧୀରେ' ______ ପ୍ରକାର ବିଶେଷଣ
(A) ସର୍ବନାମ (B) କ୍ରିୟାବିଶେଷଣ
(C) ବିଧେୟ (D) ନାମବାଚକ

9. ଯେଉଁ ପଦ ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୁଏ ତାକୁ ______ କୁହାଯାଏ ।
(A) ବିଶେଷଣ (B) କ୍ରିୟା
(C) ସର୍ବନାମ (D) ଅବ୍ୟୟ

10. ଆପଣ ନିଶ୍ଚୟ ଆସିବେ । ରେଖାଙ୍କିତ ପଦଟି କେଉଁ ପ୍ରକାର ସର୍ବନାମ ।
(A) ନିର୍ଣ୍ଣାୟକ (B) ନିର୍ଦ୍ଦେଶାତ୍ମକ
(C) ପୁରୁଷବାଚକ (D) କୌଣସିଟି ନୁହେଁ

11. ଏକାଧିକ ବର୍ଣ୍ଣ ମିଳିତ ହୋଇ ଅର୍ଥ ପ୍ରକାଶ କଲେ ତାକୁ ______ କୁହାଯାଏ ।
(A) ପଦ (B) ପ୍ରତ୍ୟୟ
(C) ଶବ୍ଦ (D) ଲିପି

12. ଧାତୁର ପରେ ଯେଉଁ ଅଂଶ ଯୁକ୍ତ ହୋଇ ପଦଟିଏ ଗଠିତ ହୁଏ ତାହାକୁ ______ କୁହାଯାଏ ।
(A) ବିଭକ୍ତି (B) ପ୍ରତ୍ୟୟ
(C) ଶବ୍ଦ (D) ପଦ

13. ଧାତୁର ପୂର୍ବରୁ ଉପସର୍ଗ ବ୍ୟବହୃତ ହୋଇ ______ ପଦ ସୃଷ୍ଟିକରେ
(A) ସରଳ (B) ଜଟିଳ
(C) ପ୍ରତ୍ୟୟ (D) ଯୌଗିକ

14. ଯେଉଁ ପଦ ବ୍ୟକ୍ତି, ଜାତି, ବସ୍ତୁ, ଗୁଣ ଓ କ୍ରିୟାର କାମକୁ ବୁଝାଏ ତାହାକୁ ______ ପଦ କୁହାଯାଏ ।
(A) ବିଶେଷଣ (B) କ୍ରିୟା
(C) ବିଶେଷ୍ୟ (D) ସର୍ବନାମ

15. "ଗମନ ଓ ଭ୍ରମଣ" ______ ବାଚକ ବିଶେଷ୍ୟ ପଦ ।
(A) ଜାତିବାଚକ (B) କ୍ରିୟାବାଚକ
(C) ବସ୍ତୁ ବାଚକ (D) କୌଣସିଟି ନୁହେଁ

16. 'ସାଧୁତା' ______ ବାଚକ ବିଶେଷ୍ୟ ପଦ ।
(A) ନାମ (B) ବସ୍ତୁ
(C) ଗୁଣ (D) କ୍ରିୟା

17. 'ଜଳ' ______ ବାଚକ ବିଶେଷ୍ୟ ପଦ ।
(A) ନାମ (B) ବସ୍ତୁ
(C) କ୍ରିୟା (D) ଗୁଣ

18. ଆମ୍ଭେମାନେ <u>ପରିଶ୍ରମୀ</u> । ଏଠାରେ ପରିଶ୍ରମୀ କେଉଁ ପ୍ରକାର ବିଶେଷଣ ପଦ ?
(A) ବିଶେଷଣ (B) ବିଧେୟ ବିଶେଷଣ
(C) ସର୍ବନାମ ବିଶେଷଣ
(D) ବିଶେଷଣର ବିଶେଷଣ

19. ମୁକ୍ତ ବିହଙ୍ଗ । ଏଠାରେ 'ମୁକ୍ତ'କେଉଁ ପ୍ରକାର ବିଶେଷଣ ?
(A) ବିଶେଷ୍ୟର ବିଶ୍ରେଷଣ (B) ବିଧେୟ ବିଶେଷଣ
(C) ବିଶେଷଣର ବିଶେଷଣ (D) କୌଣସିଟି ନୁହେଁ

20. କନ୍ୟାଟି <u>ସୁନ୍ଦରୀ</u> ଅଟେ । ଏଠାରେ 'ସୁନ୍ଦରୀ'କେଉଁ ପ୍ରକାର ବିଶେଷଣ ପଦ ?
(A) ବିଶେଷ୍ୟର ବିଶେଷଣ (B) ବିଧେୟ ବିଶେଷଣ
(C) ସର୍ବନାମ ବିଶେଷଣ (D) କୌଣସିଟି ନୁହେଁ

21. କେଉଁ ଶବ୍ଦ ବ୍ରାହ୍ମଣ, ଦନ୍ତ, ପକ୍ଷୀର ପ୍ରତିଶବ୍ଦକୁ ବୁଝାଏ ।
(A) ଦ୍ୱିଜ (B) ବିହଗ
(C) ଖେଚର (D) କୌଣସିଟି ନୁହେଁ

22. 'ବଳାହକ' ଶବ୍ଦର ଅର୍ଥ ______ ।
(A) ବେଙ୍ଗ (B) ସର୍ପ
(C) ମେଘ (D) ସମୁଦ୍ର

23. 'ଅବ୍ଜ' ଶବ୍ଦର ପ୍ରତିଶବ୍ଦ ______ ।
(A) ପିତା (B) ପର୍ବତ
(C) ବଳ (D) ପଦ୍ମ

24. 'ଦ୍ୱିରଦ' ଶବ୍ଦର ପ୍ରତିଶବ୍ଦ ______ ।
(A) ହସ୍ତୀ (B) ବ୍ୟାଘ୍ର
(C) ସମୁଦ୍ର (D) ସିଂହ

25. 'ଐହିକ' ର ବିପରୀତ ଶବ୍ଦ ______ ।
(A) ପର (B) ଦୈହିକ
(C) ପାରତ୍ରିକ (D) କୌଣସିଟି ନୁହେଁ

26. 'ସମଷ୍ଟି' ର ବିପରୀତ ଶବ୍ଦ ______ ।
(A) ନିଷ୍ଟି (B) ବ୍ୟଷ୍ଟି
(C) ସୃଷ୍ଟି (D) କୌଣସିଟି ନୁହେଁ

27. 'ପ୍ରସନ୍ନ' ର ବିପରୀତ ଶବ୍ଦ ______ ।
(A) ଅପ୍ରସନ୍ନ (B) ବିଷର୍ଣ୍ଣ
(C) ବିଷଣ୍ଣ (D) ଦୁଃଖ

28. ଯେଉଁ ପଦର ଲିଙ୍ଗ, ବଚନ , କାଳ ଓ ବିଭକ୍ତି ଭେଦରେ କୌଣସି ପରିବର୍ତ୍ତନ ହୁଏ ନାହିଁ ତାହାକୁ ______ ପଦ କୁହାଯାଏ ।
(A) ସର୍ବନାମ (B) ଅବ୍ୟୟ
(C) ବିଶେଷ୍ୟ (D) ବିଶେଷଣ